# ସୁବର୍ଣ୍ଣରେଖାରୁ ବାଲି ଲୁଟୁଛନ୍ତି ଆର୍‌ଆଇ

ଜଳେଶ୍ୱର,୧୧।୧(ସମିସ)



ରାଜସ୍ୱ ଲୁଟୁଛନ୍ତି ଖୋଦ ରାଜସ୍ୱ ନିରୀକ୍ଷକ। ବାହାନଗା ତହସିଲ ଅଧୀନରେ କାର୍ଯ୍ୟରତ ଆର୍‌ଆଇ ସାଗର ବାସ୍କେଙ୍କ ନାଁରେ ସଙ୍ଗୀନ ଅଭିଯୋଗ। ସୁବର୍ଣ୍ଣରେଖା ନଦୀରୁ କରୁଛନ୍ତି କୋଟି କୋଟି ଟଙ୍କାର ବାଲି ଚୋରାଚାଲାଣ। ଥାନାରେ ଲିଖିତ ଅଭିଯୋଗ କଲେ ଖଣି ଅଧିକାରୀ।

ବାଲି ମାଫିଆଙ୍କ ଭୁସ୍ୱର୍ଗ ପାଲଟିଛି ସୁବର୍ଣ୍ଣରେଖା ନଦୀ। ପ୍ରତିଦିନ ଜେସିବି ସାହାଯ୍ୟରେ ବାଲି ଉତ୍ତୋଳନ କରି ହାଇୱା, ଡମ୍ପର ଏବଂ ଟ୍ରାକ୍ଟର ପଶ୍ଚିମବଙ୍ଗ ଓ ଅନ୍ୟ ସ୍ଥାନକୁ କରାଯାଉଛି ଚୋରାଚାଲାଣ। ସବୁଠୁ ଆଶ୍ଚର୍ଯ୍ୟର କଥା ବେଆଇନ ବାଲି ଚୋରିର ନାୟକ ସାଜିଛନ୍ତି ଖୋଦ ରାଜସ୍ୱ ଅଧିକାରୀ। କ୍ଷମତାର ଅପବ୍ୟବହାର କରି ନିଜ ସାନଭାଇ ଏବଂ ପରିବାର ସହିତ ମିଶି ଚଳାଇଛନ୍ତି ଲୁଟତରାଜ। ବାହାନଗା ରାଜସ୍ୱ ନିରୀକ୍ଷକ ସାଗର ବାସ୍କେଙ୍କ ନାଁରେ ସାଂଘାତିକ ଅଭିଯୋଗ। ଜଳେଶ୍ୱର ବ୍ଲକ ମହମ୍ମଦ ନଗର ପାଟଣା ପଞ୍ଚାୟତ ବେଲପାଳ ବାଲି ସୈରାତରୁ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି ଆରଆଇ ସାଗର ବାସ୍କେ, ତାଙ୍କ ସାନଭାଇ ଚନ୍ଦନ ବାସ୍କେ ଏବଂ ତାଙ୍କ ପରିବାର ନାଁରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଜିଲ୍ଲା ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀ।

ଜଳେଶ୍ୱର ବ୍ଲକ ମହମ୍ମଦ ନାଗର ପାଟଣା ଗ୍ରାମର ବାସିନ୍ଦା ହେଉଛନ୍ତି ସାଗର ବାସ୍କେ। ତାଙ୍କ ବିରୋଧରେ ବାଲି ଚୋରାଚାଲାଣ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବାରମ୍ବାର ଅଭିଯୋଗ ପରେ ଗତ ବର୍ଷ ମେ'ରେ ଖାଦାନର ମୁଖ୍ୟ ରାସ୍ତାକୁ ଖୋଲି ଦେଇଥିଲେ ଖଣି ବିଭାଗ ଅଧିକାରୀ। ଏପରିକି ଜିଲ୍ଲା ପ୍ରଶାସନ ଏହି ଖାଦାନକୁ ବନ୍ଦ କରି ନାଲି ପତାକା ଲଗାଇ ୧୪୪ ଧାରା ଜାରି କରିଥିଲେ। ମାତ୍ର ନାଲି ପତାକାକୁ ଉପାଡ଼ି ଫିଙ୍ଗି ଦେଇ ପୁଣି ବାଲି ଉତ୍ତୋଳନ କରି ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। କିଛି ସ୍ଥାନୀୟ ଲୋକଙ୍କୁ ମଧ୍ୟ ଏହି କାମରେ ନିୟୋଜିତ କରିଛନ୍ତି।

**● ଜଳେଶ୍ୱର ଥାନାରେ ଅଭିଯୋଗ କଲେ ଜିଲ୍ଲା ଖଣି ଅଧିକାରୀ**
**● ଆର୍‌ଆଇ ଓ ପରିବାର ସଦସ୍ୟଙ୍କ ନାମରେ ମାମଲା**

ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ଆର୍‌ଆଇ ସାଗର ବାସ୍କେ ଓ ତାଙ୍କ ଭାଇ ଚନ୍ଦନ ବାସ୍କେଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନଙ୍କ ନାମରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ଚୋରା ମାଟି ବୋଝେଇ ୭ ହାଇୱା ଜବତ

ଜଳେଶ୍ୱର ବ୍ଲକ, ୧୧।୧ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦନଗର ପାଟଣା, ବେଲପାଳ ଅଞ୍ଚଳରୁ ଶନିବାର ବିଳମ୍ବିତ ରାତିରେ ୭ଟି ମାଟି ବୋଝେଇ ହାଇୱାକୁ ପ୍ରଶାସନ ଜବତ କରିଛି। ମୟୂରଭଞ୍ଜ ଅଞ୍ଚଳରୁ ମାଟି ଭର୍ତ୍ତି ହୋଇ ହାଇୱାଗୁଡ଼ିକ ବେଲପାଳ ଅଞ୍ଚଳର ଏକ ପୋଖରୀ କାମରେ ନିୟୋଜିତ ହୋଇଥିଲା। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ସତ୍ୟଜିତ ମହାନ୍ତି ଆଜି ରାତିରେ ସଦଳବଳେ ଚଢାଉ କରି ହାଇୱାଗୁଡ଼ିକୁ ଜବତ କରିଥିଲେ। ପରେ ପୁଲିସ ପ୍ରଶାସନ ଜରିଆରେ ହାଇୱା ଗୁଡ଼ିକ ଥାନା ପରିସରକୁ ଅଣାଯାଇଥିବାବେଳେ ମାଟି ପରିବହନର ବୈଧ କାଗଜପତ୍ର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ମାଟି ପରିବହନ ଲାଗି ନିର୍ଦ୍ଦିଷ୍ଟ କଟକଣା ଜାରି କରାଯାଇଥିବା ବେଳେ ପରିବହନ ସମୟରେ ଜରିପାଲ ଘୋଡ଼ାଇ ନେବାର ନିୟମ ରହିଛି। ମାତ୍ର ଜବତ ହାଇୱା ଗୁଡ଼ିକ ନିୟମକୁ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଛି। ସେହିଭଳି ରାଜ୍ୟର ଦ୍ୱିତୀୟ ପ୍ରଦୂଷିତ ସହର ତାଲିକା ଜଳେଶ୍ୱର ରହିଥିବା ବେଳେ ରାତି ଅଧିଆ ପ୍ରଶାସନର ଏଭଳି ଚଢ଼ଉକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ୧୯୭୨ ବ୍ୟାଚ୍ ଶିକ୍ଷାର୍ଥୀଙ୍କ ବନ୍ଧୁମିଳନ



ଜଳେଶ୍ୱର,୧୧।୧(ସମିସ): ନାମ୍ପ ଉଚ୍ଚ ବିଦ୍ୟାଳୟର ୧୯୭୨ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଖୁସିପ୍ଲାଜାଠାରେ ଆୟୋଜିତ ବନ୍ଧୁ ମିଳନ ସଭାରେ ସ୍ୱାଗତ ଭାଷଣରେ ବ୍ୟାଚର ପ୍ରଥମ ହୋଇଥିବା ରାମକମଳ ଜେନା ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଦୀର୍ଘ ଜୀବନ କାମନା କରିଥିଲେ। ଆଗାମୀ ବର୍ଷ ପାଇଁ ସୁବଳ କୁମାର ଜେନାଙ୍କ ନେତୃତ୍ୱରେ ଚନ୍ଦନେଶ୍ୱରର ଏକତ୍ରିତ ହେବା ପାଇଁ ଆଲୋଚନା କରାଯାଇଥିଲା। ବ୍ୟାଚର ଅନ୍ୟତମ ଛାତ୍ର ଆଦିକନ୍ଦ ପ୍ରଧାନ ତାଙ୍କ ରଚିତ କବିତା ପାଠ କରିଥିଲେ। ପରିଶେଷରେ ଶ୍ରୀକାନ୍ତ ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ବନ୍ଧୁଙ୍କ ମଧ୍ୟରେ ପ୍ରଫୁଲ୍ଲ ପ୍ରଧାନ, ଶକ୍ତିପଦ ମହାପାତ୍ର, ରତିକାନ୍ତ ପ୍ରାମାଣିକ, ରାମଶଙ୍କର ନନ୍ଦୀ, ବିନୟ ଦାସ, ନରେଶ ଦାସ, ସୁବାସ ଜେନା, ଚିତ୍ତରଞ୍ଜନ ଦାସ, ମିହିର ପରିଡ଼ା, ଲକ୍ଷ୍ମୀକାନ୍ତ ଭୂୟାଁ, ରାମେଶ୍ୱର ଦାସ, ହେମନ୍ତ କର, ବିଜୟ ସିଂହ, ପଦ୍ମାଳୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନେତାଜୀ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଭୋଗରାଇ, ୧୧।୧ (ସମିସ): ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତର ନେତାଜୀ କ୍ଲବ ପକ୍ଷରୁ ରବିବାର ସକାଳେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର କମଳାକାନ୍ତ ଜେନା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଫକୀର ମହୋନ ମେଡିକାଲ କଲେଜ ବାଲେଶ୍ୱରର ଆସିଷ୍ଟାଣ୍ଟ ପ୍ରଫେସର ଡା. ଦୀପକ କୁମାର ପାଣିଗ୍ରାହୀ, କିମ୍ସର ଶିଶୁ ବିଶେଷଜ୍ଞ ଡାକ୍ତର ଚିନ୍ମୟ କୁମାର ବେହେରା, ଜୟରାମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ କ୍ରିଷ୍ଣା ପଣ୍ଡା ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ। ଟେକ୍ନିସିଆନ ବିଜୟ କୁମାର ମାଝୀ ଓ ଫାର୍ମାସିଷ୍ଟ ଚିନ୍ମୟ କୁମାର ସିଂ ସହଯୋଗ କରିଥିଲେ। ୧୧୯ ଜଣ ମହିଳା, ୭୧ଜଣ ଶିଶୁ ଓ ୬୭ଜଣ ପୁରୁଷଙ୍କୁ ମିଶାଇ ସମୁଦାୟ ୨୫୭ଜଣ ରୋଗୀଙ୍କ ମାଗଣା ଚିକିତ୍ସା ସହିତ ଔଷଧ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଦୀପ୍ତିରାଣୀ ମିଶ୍ର, ପ୍ରଦ୍ୟୁତ କୁମାର ମିଶ୍ର, କ୍ଲବର ସଭାପତି ସୁନୀଲ ଜେନା, ସମ୍ପାଦକ ହରିନାରାୟଣ ଜେନା, ଉପସଭାପତି ସଞ୍ଜୀବ ଦାସ, ସହ ସମ୍ପାଦକ ସ୍ନେହାଶିଷ ପ୍ରଧାନ, କୋଷାଧ୍ୟକ୍ଷ ସୁବୋଧ ଗିରି, ହରିପଦ ମିଶ୍ର, ଦୁର୍ଗାଶଙ୍କର ସାମଲ, ଜନ୍ମେଜୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ରାଧାନାଥ ସାହିତ୍ୟ ଆଧାରିତ ବିଭିନ୍ନ ପ୍ରତିଯୋଗିତା



ସୋର,୧୧।୧(ସମିସ): ସୋର ରାଧାନାଥ ପାଠାଗାର ଏବଂ ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ରାଧାନାଥ ସ୍ମୃତି ମଣ୍ଡପଠାରେ ରାଧାନାଥ ସାହିତ୍ୟ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ପୌରପାଳିକା, ସୋର, ବାହାନଗା, ଖଇରା ଓ ସିମୁଳିଆ ବ୍ଲକ୍‌ର ତୃତୀୟରୁ ପଞ୍ଚମ ଶ୍ରେଣୀ ସବ୍‌ଜୁନିଅର, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଜୁନିଅର, ନବମ ଓ ଦଶମ ଶ୍ରେଣୀ ସିନିଅର ଗ୍ରୁପ ତଥା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ, ଯୁକ୍ତ ତିନି ମହାଦ୍ୟାଳୟ ସ୍ତରର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ନେଇ କବିବର ରାଧାନାଥ ରାୟଙ୍କ ସାହିତ୍ୟ ଆଧାରିତ କବିତା ରଚନା, ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ବକ୍ତୃତା, ଆବୃତ୍ତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୪୪୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଧାନାଥ ପାଠାଗାରର ସଭାପତି ପର୍ଶୁରାମ ଧଡ଼ା କବିବରଙ୍କ ପୂର୍ଣ୍ଣାବୟବରେ ମାଲ୍ୟାର୍ପଣ ପୂର୍ବକ ପାଠାଗାରର ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସଂପାଦକ ଦାମୋଦର ଦାଶ ମହାପାତ୍ର ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଉଦ୍ଧବ ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ନବକିଶୋର ଦାସ, ନିରଂଜନ ପଣ୍ଡା, ଯୁଗ୍ମ ସଂପାଦକ ମନୀନ୍ଦ୍ର ଦୀକ୍ଷିତ, କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଅନନ୍ତ ପ୍ରସାଦ ବେହେରା, ପଦ୍ମଲୋଚନ ଦ୍ୱିବେଦୀ, ସାହାଦାତ୍ ଅଲ୍ଲୀ, ଇମତିଆଜ ଅହମ୍ମଦ, ପ୍ରଦୀପ ବିଶ୍ୱାଳ, ଖଗେଶ୍ୱର ସ୍ୱାଇଁ, ରେଣୁବାଳା ଦାସ, ଗଂଗାଧର ପାଢ଼ୀ, ଡ. ଶରତ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ପ୍ରଧାନ, ଲମ୍ବୋଦର ମିଶ୍ର, ରବୀନ୍ଦ୍ର ଦାସ, କୃତ୍ତିବାସ ବେଜ, ଚକ୍ରଧର ପାଢ଼ୀ, କଟଚନ୍ଦ୍ର ବେହେରା, ମାନସ ପଣ୍ଡା, ସୁଦର୍ଶନ ପଣ୍ଡା ଓ ବାସୁକୃଷ୍ଣ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗାନ୍ଧୀ ସେବାଶ୍ରମ ଈଶ୍ୱରୀଲାଲ ଶିଶୁ ଭବନର ବାର୍ଷିକ ଉତ୍ସବ




ଜଳେଶ୍ୱର, ୧୧।୧ (ସମିସ) : ଗାନ୍ଧୀ ସେବାଶ୍ରମ ଈଶ୍ୱରୀଲାଲ ଶିଶୁ ଭବନର ୪୭ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ସଭାପତି ସିତାଂଶୁ ସେନାପତି ପୌରହିତ୍ୟ କରି ଅସହାୟ ଶିଶୁ ମାନଙ୍କ ସେବାଯତ୍ନ ସହିତ ପାଠପଢା ସେବାଶ୍ରମ ଅନବରତ କାର୍ଯ୍ୟ କରି ଆସୁଥିବା କହିଛନ୍ତି। ମୁଖ୍ୟବକ୍ତା ଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି, ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଅସହାୟ ଓ ନିରାଶ୍ରୟ ଶିଶୁ ମାନଙ୍କ ସେବା ଭଗବାନଙ୍କ ସେବା ସହିତ ସମାନ ହୋଇଥିବାରୁ ପିତାମାତାଙ୍କ ସ୍ନେହ ଶ୍ରଦ୍ଧାରେ ରଖାଯିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ କଲ୍ୟାଣ ଅଧିକାରୀ ଖିସିରାମ ଗହି, ସଂପାଦକ ଅଶୋକ ଜେନା, ଶିକ୍ଷାବିତ୍ ସୁନିଲ ନାୟକ, ଶ୍ୟାମାଚରଣ ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ବ୍ୟତୀତ ସମସ୍ତଙ୍କ ସାହାଯ୍ୟରେ ଅନୁଷ୍ଠାନର କଳେବର ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଦେବକୃଷ୍ଣ ଦେ ମଂଚ ଆହ୍ୱାନ ଓ ସରୋଜ କୁମାର ମହାନ୍ତି ସଂଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ମହାନ୍ତି, ରତ୍ନାକର ଗିରି, ଜ୍ୟୋତିଷ କର, ରଶ୍ମିରଂଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଭୋଗରାଇ ଉତ୍ସବ ଉଦ୍‌ଯାପିତ




ଭୋଗରାଇ, ୧୧।୧ (ସମିସ) : ଭୋଗରାଇର ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ସୁଦୃଢ଼। ଯେଉଁ ଅଞ୍ଚଳର ସଂସ୍କୃତି ଯେତେ ସୁଦୃଢ଼ ସେହି ଅଞ୍ଚଳ ସେତେ ବିକଶିତ। ଅତୀତର ସଂସ୍କୃତିକୁ ଭିତ୍ତିକରି ସମ୍ପୃକ୍ତ ଅଞ୍ଚଳର ସାମଗ୍ରୀକ ବିକାଶ ଗତିଶୀଳ ହୋଇଛି। ସାମାଜିକ ବ୍ୟବସ୍ଥାଠାରୁ ଆରମ୍ଭ କରି ଶିକ୍ଷା, କଳା ଗବେଷଣା, ସ୍ୱାସ୍ଥ୍ୟ, ଶିଳ୍ପ ପର୍ଯ୍ୟନ୍ତ ସାମଗ୍ରୀକ ବିକାଶ ହୋଇଛି ବୋଲି ଶନିବାର ଭୋଗରାଇ ଉତ୍ସବ -୨୦୨୬ର ଉଦଯାପନୀ ସନ୍ଧ୍ୟାର ଆୟୋଜିତ ସଭାରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଦେହୁର୍ଦ୍ଧା ଥାନାଛକ ସ୍ଥିତ ହେଲିପ୍ୟାଡ ପଡ଼ିଆଠାରେ ଆୟୋଜିତ ଏହି ସଭାରେ ଉତ୍ସବ କମିଟିର ସାଧାରଣ ସମ୍ପାଦକ ସୁନୀଲ କୁମାର କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପ୍ରଶାସନିକ ଅଧିକାରୀ ଜଗଦୀଶ ଗିରି, ସମ୍ମାନିତ ବକ୍ତା ଆଦର୍ଶ ଶିକ୍ଷକ ପରମାନନ୍ଦ ନାୟକ, ସମ୍ମାନିତ ଅତିଥି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ କମଳାକାନ୍ତ ଜେନା,ଦେହୁର୍ଦ୍ଧା ପଞ୍ଚାୟତ ସମିତି ସଦସ୍ୟା ସନ୍ଧ୍ୟାରାଣୀ ଜେନା, ବରିଷ୍ଠ ସାମ୍ବାଦିକ ବିକାଶ ପାଣିଗ୍ରାହୀ, ଉତ୍ସବ କମିଟିର ଉପସଭାପତି ଆଶିଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଅତୀତରେ ସାମାଜିକ ବୈଷମ୍ୟ ଆଞ୍ଚଳିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା ବେଳେ ପରବର୍ତ୍ତୀ ସମୟରେ ସାଂସ୍କୃତିକ ନବ ଜାଗରଣ ଯୋଗୁଁ ସମାଜ ବ୍ୟବସ୍ଥାର ବିଶାଳ ପରିବର୍ତ୍ତନ ହୋଇଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ରବୀନ୍ଦ୍ର ନାଥ ସାମଲଙ୍କ ଦ୍ୱାରା ଲିଖିତ ପୁସ୍ତକ "ବାଲେଶ୍ୱରର ସାଂସ୍କୃତିକ ଇତିହାସ' ଏବଂ ଶରତ ଚନ୍ଦ୍ରଙ୍କ ଦ୍ୱାରା ଲିଖିତ ତଥା ସ୍ୱର୍ଗତ ସାମଲଙ୍କ ଦ୍ୱାରା ଅନୁବାଦିତ ପୁସ୍ତକ "ପଣ୍ଡିତ ମହାଶୟ' ଲୋକାର୍ପିତ ହୋଇଥିଲା। ସେହିପରି ଫୁଟବଲ, କବାଡି ପ୍ରତିଯୋଗିତାରେ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ତାହା ସହିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭୋଗରାଇ ବ୍ଲକ ଟପ୍ପର ହୋଇଥିବା ଅରୋସ୍ମିତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ଆହ୍ୱାନ କବି ଶ୍ରୀକୁମାର ଘୋଷ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବରିଷ୍ଠ ସାମ୍ବାଦିକ ଗଣେଶ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସଭାପରେ ମଧ୍ୟରାତ୍ର ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ହୁଡ଼ାପାଳ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଭୋଗରାଇ, ୧୧।୧ (ସମିସ) : ଭୋଗରାଇ ବ୍ଲକ ଆରୁହାବୃତ୍ତି -୧ ପଞ୍ଚାୟତ ସନ୍ତୋଷପୁର ଠାରେ ହୁଡ଼ାପାଳ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂ. ଅଭିଜିତ ଦାସ ଉଦଘାଟନ କରିବା ସହିତ ଖେଳାଳି ଏବଂ କ୍ରୀଡା ପ୍ରେମୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହେମନ୍ତ ବେହେରା, କବି ସୁକୁମାର ଦାସ, ଆଇନଜୀବୀ ରାଜକିଶୋର ଜେନା, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ଆରୁହାବୃତ୍ତି ସରପଞ୍ଚ ଗୀତାରାଣୀ ଜେନା, ବରିଷ୍ଠ ଲୋକ କଳାକାର ଶମ୍ଭୁନାଥ ବାରିକ, ସମାଜସେବୀ ରାମଚନ୍ଦ୍ର ଜେନା, ବ୍ରଜକିଶୋର ପାଳ, ଅଜିତ୍ କାମିଲା, ସୁବ୍ରତ କୁମାର ସାହୁ, ଦେବେନ୍ଦ୍ର ଖିଲାର, ଗୁଣାକର ବେହେରା ଶିକ୍ଷକ ବାଦଲ ଚନ୍ଦ, ପୂର୍ବତନ ୱାର୍ଡସଭ୍ୟ ମନୋଜ ବାରିକ, ଧିରେନ ମୁଖୀ, କାର୍ତ୍ତିକ ପାତ୍ର, ଗଣେଶ ବେହେରା ପ୍ରମୁଖ ଯୋଗ ଦେଇ ଥିଲେ। ଝଂଗେଶ୍ୱର ପାଳ ଓ ପ୍ରଦୀପ କୁମାର ଚନ୍ଦ ଖେଳ ସଂଚାଳନ କରିବା ସହିତ ପ୍ରକାଶ ଚନ୍ଦ, ରାଜେନ୍ଦ୍ର ବେହେରା, ହିମାଂଶୁ ଜେନା, ବିଶ୍ୱଜିତ ପରିଡ଼ା, ଜୟଦେବ ସାହୁ, ହିମାଂଶୁ ଦେ, ଅଶୋକ ପଣ୍ଡା, ଆଲୋକ ଚନ୍ଦ, ରାଜୀବ ପଣ୍ଡା, ପରେଶ ବେହେରା, ଧିରେନ୍ଦ୍ର ବେହେରା, ତପନ ବେହେରା, ଅଜିତ ପଣ୍ଡା, ଅନନ୍ତ ବାରିକ, ତାପସ ଖିଲାର ପ୍ରମୁଖ ଆୟୋଜନ କରିଥିଲେ । ଜିଲ୍ଲା ସ୍ତରୀୟ ଆଠ ଗୋଟି ଅଗ୍ରଣୀ କ୍ରିକେଟ ଟିମ୍ ଅଂଶ ଗ୍ରହଣ କରିବା ସହିତ ହଜାର ହଜାର କ୍ରୀଡ଼ାପ୍ରେମୀ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଖେଳକୁ ଉପଭୋଗ କରିଥିଲେ। ଶେଷରେ ଆଦିତି ୯ଷ୍ଟାର ଟିମ ଚାମ୍ପିଅନ ହେବା ସହ ଜି ଏନ ୯ଷ୍ଟାର ଟିମ ରନର୍ସ ଅପ୍ ହୋଇଥିଲେ।



## ସ୍ୱାମୀଙ୍କ ଅନ୍ତେଷ୍ଟି କ୍ରିୟା ଦିନ ସ୍ତ୍ରୀ ମୃତ

ଲଙ୍ଗଳେଶ୍ୱର, ୧୧।୧ (ସମିସ) : ସ୍ୱାମୀର ଅନ୍ତେଷ୍ଟି କ୍ରିୟାରେ ସ୍ତ୍ରୀ ମୃତ୍ୟୁବରଣ କରିଥିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ। ବାଲିସାହି ଗ୍ରାମର ଶ୍ରୀକଣ୍ଠ ମୈକାପ (୭୫) ଦୀର୍ଘ ଦିନ ଧରି ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ଆଜି ତାଙ୍କର ଅନ୍ତେଷ୍ଟି କ୍ରିୟା। ଗତ କାଲି ତାଙ୍କ ସ୍ତ୍ରୀ ସୁଲତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ବସ୍ତା ହସ୍ପିଟାଲ ଓ ପରେ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଆଜି ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ଅଞ୍ଚଳରେ ଶୋକ ଖେଳାଇ ଦେଇଛି। ଖବର ପାଇ ପୂର୍ବତନ ସମିତିସଭ୍ୟ ଭଜହରି ପରିଡ଼ା, ସରପଞ୍ଚ ରାଧାକୃଷ୍ଣ ବେହେରା, ଗ୍ରାମର ମୁଖିଆ ହରିଶ୍ଚନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ମୈକାପ, ବିରେନ ଗୋଛାୟତ, ବାବାଜି ମୈକାପ, ନିତ୍ୟାନନ୍ଦ ପ୍ରମାଣିକ, ଗୌରାଙ୍ଗ ପ୍ରମାଣିକ, ରବିନ୍ଦ୍ର ମୈକାପ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଥିଲେ।

## ନୀଳଗିରି କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି,୧୧।୧(ସମିସ): ନୀଳଗିରି କଂଗ୍ରେସ ଭବନ ପରିସରରେ ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ ଆଚାର୍ଯ୍ୟ ଓ ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଲକ୍ଷ୍ମୀକାନ୍ତ ପରିଡ଼ାଙ୍କ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ତପନ ରାଉତ ଓ ଆଶିଷ ପଟ୍ଟନାୟକଙ୍କ ଆବାହକତ୍ୱରେ ପୂର୍ବତନ ନୀଳଗିରି କଂଗ୍ରେସ ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ।



ଏହି ଶୋକ ସଭାରେ ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା ଯୋଗ ଦେଇ କହିଥିଲେ, ନୀଳଗିରି ପାଇଁ ଅକ୍ଷୟ ବାବୁଙ୍କ ଦେହାନ୍ତ ଏକ ଅପୂରଣୀୟ କ୍ଷତି। ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ଜୟଦେବ ଜେନା ସ୍ମୃତି ଚାରଣ କରି କହିଥିଲେ, ନୀଳଗିରିର ଯେତେ ଶିକ୍ଷାନୁଷ୍ଠାନ ହୋଇଛି, ତାହା ଅକ୍ଷୟ ବାବୁଙ୍କ ଜିଦ୍ଦି ପାଇଁ। ସେ କହୁଥିଲେ ମୋ ଦୁଃଖିନୀ ନୀଳଗିରି ପାଇଁ କରିବେ। ମୋର ଶିକ୍ଷା ମନ୍ତ୍ରୀ ସମୟରେ ଅନେକ କାର୍ଯ୍ୟ ଅକ୍ଷୟ ବାବୁଙ୍କ ପାଇଁ ସମ୍ଭବ ହୋଇଛି। ଉକ୍ତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସୋର କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ ଧଡ଼ା, ପୂର୍ବତନ ବ୍ଲକ ଅଧ୍ୟକ୍ଷ, ସୋର ନରନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରାର୍ଥୀ ଦୀପ୍ତିକାନ୍ତ ମହାପାତ୍ର, ସଦାଶିବ ରଥ, ବିଶ୍ୱନାଥ ଦାସ, ବୀଣା ଅପା, ଯୋଗେଶ୍ୱର ବେହେରା, ଉପେନ୍ଦ୍ର ବେହେରା, ରଞ୍ଜନ ଦାସ, ସୁରେନ୍ଦ୍ରଦାସ, ଯଶୋଦା ନନ୍ଦନ ସିଂ, କିଷାନ କଂଗ୍ରେସରୁ ଅରୁଣ ଜେନା, ରାମକୃଷ୍ଣ ଜେନା, ରାହାସ ବିହାରି ମହାପାତ , ଅଶ୍ୱିନୀ ପାତ୍ର, ଦୈତାରି ମହାଳିକ, ପ୍ରଦୀପ ବେହେରା, ପତିତ ପାବନ ଦାସ, ବସନ୍ତ ମହାପାତ୍ରଙ୍କ ସମେତ ଶତାଧିକ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଗୋପାଳପୁର ଥାନା; ପୁଲିସ ଗାଡ଼ିର ନାହିଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର

ବାହାନଗା,୧୧।୧(ସମିସ)




ରାଜ୍ୟରେ ପ୍ରଦୂଷଣ ପ୍ରମାଣପତ୍ର ଏବଂ ମାତ୍ରାଧିକ ଚାଲାଣ ଜନସାଧାରଣଙ୍କୁ ହନ୍ତସନ୍ତ କରି ସାରିଲାଣି। ସରକାରଙ୍କ ପରିବହନ ନିୟମ ଉଲ୍ଲଂଘନ କରିଥିବା ଜନସାଧାରଣଙ୍କ ଗାଡ଼ିକୁ ପରିବହନ ବିଭାଗ ଏବଂ ଥାନା ପୁଲିସ ମିଳିତ ଯାଞ୍ଚ କରି ମୋଟା ଅଙ୍କର ଚାଲାଣ କାଟୁଛନ୍ତି। ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ହେଲେ ଜନସାଧାରଣଙ୍କ ଗାଡି ଯାଞ୍ଚ କରୁଥିବା ସରକାରୀ ଅଧିକାରୀଙ୍କ ସରକାରୀ ଗାଡ଼ିଟି ସମସ୍ତ ନିୟମ ପାଳନ କରୁଛି କି ଅନେକ ଅଞ୍ଚଳରେ ପ୍ରଶ୍ନ ଉଠିଲାଣି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ପୁଲିସ ନିକଟରେ। ଗୋପାଳପୁର ଥାନାରେ ନିୟୋଜିତ ଥିବା (ଓଡି୦୫-ବିଏଚ-୯୭୦୧) ବିଶିଷ୍ଟ ସରକାରୀ ଗାଡ଼ି ଆରକ୍ଷୀ ଅଧିକ୍ଷକଙ୍କ ନାମରେ ଥିବା ପରିବହନ ବିଭାଗର ୱେବସାଇଟରୁ ଜଣାପଡ଼ିଛି। ମିଳିଥିବା ତଥ୍ୟ ମୁତାବକ ଏହି ଥାନା ଗାଡ଼ିଟିର ପ୍ରଦୂଷଣ ପ୍ରମାଣପତ୍ର ଅବଧି ୨୦୨୩ ମସିହା ନଭେମ୍ବର ମାସ ୨୮ ତାରିଖରୁ ଶେଷ ହୋଇଛି। ଅର୍ଥାତ ଏହି ପୁଲିସ ଗାଡ଼ିର ପଲ୍ୟୁସନ ଅବଧି ଦୀର୍ଘ ୨ ବର୍ଷ ୧ ମାସ ୧୪ ଦିନ ଅତିକ୍ରମ କରିଛି। ଜନସାଧାରଣଙ୍କ ପ୍ରଦୂଷଣ ପ୍ରମାଣପତ୍ର ଅବଧି ନଥିବା ଗାଡ଼ି ଟୋଲ ପ୍ଲାଜା ଅତିକ୍ରମ କଲେ ଆପଣା ଛାଏ ଚାଲାଣ କଟୁଛି, ଏମତି କି ଯେତେ ଥର ଟୋଲ ପ୍ଲାଜା ଅତିକ୍ରମ କରିବ ସେତେଥର ଚାଲାଣ କଟି ଲକ୍ଷ ଲକ୍ଷ ଟଙ୍କାର ଫାଇନ ଜନତାଙ୍କ ଗାଡ଼ି ଉପରେ ଗଡୁଛି, ଆଉ ଫାଇନ ଟଙ୍କା ନ ଦେଲେ ପ୍ରଦୂଷଣ ପ୍ରମାଣପତ୍ର ହୋଇପାରୁନାହିଁ। ଯାହା ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି। ହେଲେ, ଏପରିସ୍ଥଳେ ଗୋପାଳପୁର ଥାନା ଗାଡିରେ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ ସମୟ ଧରି ପ୍ରଦୂଷଣ ପ୍ରମାଣପତ୍ର ଅବଧି ଶେଷ ହୋଇଥିବା ଗାଡ଼ିରେ ଯାଇ ପୁଲିସ ଲୋକଙ୍କ ଚାଲାଣ କାଟୁଛି। ସରକାରୀ ନିୟମ ସମସ୍ତଙ୍କ ପାଇଁ ସମାନ ଥିବା ବେଳେ ଖୋଦ ସରକାରଙ୍କ ସରକାରୀ ଗାଡି ନିୟମ ଉଲ୍ଲଘଂନ କରୁଛି , ଆଉ ଜନତା ଫାଇନ ଦେଇ ଶୋଷଣର ଶିକାର ହେଉଛନ୍ତି। ସରକାରୀ ବିଧି ବ୍ୟବସ୍ଥାରେ ଏଭଳି ଅଜବ ନିୟମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ତୁରନ୍ତ ୨ ବର୍ଷରୁ ଉର୍ଦ୍ଧ ସମୟ ଧରି ବିନା ପ୍ରଦୂଷଣ ପ୍ରମାଣପତ୍ରରେ ଚାଲିଥିବା ଥାନା ଗାଡ଼ି ଉପରେ କେଉଁ କାରଣରୁ ଚାଲାଣ କରା ନ ଯିବ ବୋଲି ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ପରିବହନ ବିଭାଗ ନିୟମ ଉଲ୍ଲଘଂନ କରିଥିବା ସରକାରୀ ଗାଡ଼ିକୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

**■ ୨ ବର୍ଷ ହେଲା ସରିଲାଣି ଅବଧି**
**■ ଚାଲାଣ କାଟିବ କି ପରିବହନ ବିଭାଗ**

